# ପିଲାଙ୍କ ଧରିତ୍ରୀ

ଶନିବାର, ୧୬ ମାର୍ଚ୍ଚ, ୨୦୧୯



୬ କବିତା

୭ ରଙ୍ଗର ମହତ୍ତ୍ୱ

# ହୋଲି

୩ ଆସ ଖେଳିବା ହୋଲି

## ଖିଲି ଖିଲି ହସ



**(କପିଳ ଓ ପିଙ୍କୁ ମଧ୍ୟରେ କଥାବାର୍ତ୍ତା)**

କପିଳ– ପିଙ୍କୁ, ପାଖଘରୁ ଡାକ୍ତରଙ୍କୁ ଟିକେ ଡାକି ଆଣେ।

ପିଙ୍କୁ–ଆରେ କପିଳ, ତୁ ତ ନିଜେ ଜଣେ ଡାକ୍ତର।

କପିଳ–ମୋ ଫିସ୍ ଟିକେ ଅଧିକା ତ ସେଥିପାଇଁ ତୋତେ ଏପରି କହିଲି।

**ଥ**ରେ ଜଣେ ବ୍ୟକ୍ତିଙ୍କୁ ଭିକାରି ପାଞ୍ଚଟଙ୍କା ମାଗିଲା। ଏହାଦେଖି ବ୍ୟକ୍ତିଜଣକ କହିଲେ– 'ଆରେ, ତୁମେ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି, ଭିକ କାଇଁ ମାଗୁଛ ? ମୋ ପାଖରେ ବସି କାମ କରୁନ ମୁଁ ତୁମକୁ ଟଙ୍କା ଦେବି।' ଭିକାରି ପଚାରିଲା– ଆଜ୍ଞା, ମୋତେ ଆପଣ କେତେ ଟଙ୍କା ଦେବେ ? ବ୍ୟକ୍ତି ଉତ୍ତର ଦେଲେ–'ମୁଁ ତୁମକୁ ପାଞ୍ଚ ହଜାର ଟଙ୍କା ଦେବି।' ଏକଥା ଶୁଣି ଭିକାରି ଉତ୍ତର ଦେଲା, ଆଜ୍ଞା,ଆପଣ ମୋ ପାଖରେ ବସୁ ନାହାଁନ୍ତି ମୁଁ ୨୫ ହଜାର ଟଙ୍କା ଦେବି ।'

**ଥ**ରେ ଜଣେ ବ୍ୟକ୍ତି ପଛରେ ଜଣେ ଡାକ୍ତର ଦୌଡୁଥାଆନ୍ତି। ଏହାଦେଖି ଡାକ୍ତରଙ୍କ ସାଙ୍ଗ କହିଲେ–ଆରେ ତମେ ଏମିତି ସେ ଲୋକଟା ପଛରେ କାହିଁକି ଦୌଡୁଛ ? କ'ଣ ହେଉଛି ?

ଡାକ୍ତର: କ'ଣ କହିବି ସାଙ୍ଗ, ମାସେ ଭିତରେ ଏ ଲୋକ ମୋ ପାଖକୁ ଚାରିଥର ବ୍ରେନ୍ ଅପରେଶନ କରିବାକୁ ଆସିଲାଣି, ହେଲେ ଖାଲି ଚୁଟି କାଟି ପଳାଉଛି।

ବିନ୍ଦୁ ଯୋଡ଼



## ମତାମତ

- ମେକ୍ସିକୋର କାନକନଠାରେ ଥିବା ମ୍ୟୁଜିୟମ୍ ବିଷୟରେ ପଢିଲି। ଉକ୍ତ ମ୍ୟୁଜିୟମ୍‌ରେ ଭ୍ରମଣ କରିବା ପାଇଁ ପାଣିରେ ପହଁରି ପହଁରି ଯିବାକୁ ପଡେ। ବାସ୍ତବରେ ପର୍ଯ୍ୟଟକଙ୍କ ପାଇଁ ଏହା ଆଶ୍ଚର୍ଯ୍ୟଜନକ ସ୍ଥାନ।
  – ପୂର୍ଣ୍ଣେନ୍ଦୁ ପୃଷ୍ଟି
  ଶ୍ୟାମରାୟପୁର, ଭଦ୍ରକ
- ବାହାରେ ପ୍ରବଳ ଥଣ୍ଡା ସତ୍ତ୍ୱେ ମଣିଷ ଇଗ୍‌ଲୁ ଭିତରେ କାହିଁକି ଆରାମରେ ରହିପାରେ ସେ ସମ୍ପର୍କରେ ବିଜ୍ଞାନ କଥାରେ ପ୍ରକାଶ ପାଇଥିବା ବରଫର ଘର ଇଗ୍‌ଲୁରୁ ଜାଣିବାକୁ ପାଇଲୁ।
  – ରିକି, ପିଙ୍କି
  ଇନ୍ଦିପୁର, ଢେଙ୍କାନାଳ
- ଆଇନା ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଥିଲା।
  – ଉତ୍କଳିକା ଦାସ
  ମାର୍କୋନା, ବାଲେଶ୍ୱର
- ବିନ୍ଦୁ ଯୋଡ ଓ ଆସ ଖୋଜିବା କରିବାକୁ ମଜା ଲାଗୁଛି। ଖିଲି ଖିଲି ହସରେ ପ୍ରକାଶିତ ଚାଉଳ କଥା ପଢି ଖୁବ୍ ହସିଲି।
  – ଅବିନାଶ ମହନ୍ତ
  ବରି, ଯାଜପୁର

# କେମିତି ଖେଳିବା ହୋଲି

ଗପ



**ହ**ମିଦ୍, ୟୁସୁଫ୍, ହେଲେନ୍, ପିଟର, ବଳରାମ, ଭବାନୀ ସମସ୍ତେ ଗୋଟିଏ ଗାଁର ପିଲା। ଭାରି ସାଙ୍ଗ। ପ୍ରତିବର୍ଷ ମିଳିମିଶି ହୋଲି ପର୍ବ ପାଳନ କରିଥାନ୍ତି। ଖାଲି ସେତିକି ନୁହେଁ, ବଡ଼ଦିନ, ରମଜାନ ଆଦି ପର୍ବପର୍ବାଣିରେ ମଧ୍ୟ ସମସ୍ତେ ଭାଗ ନିଅନ୍ତି। ଏମାନେ ଗାଁର ମନୋରଞ୍ଜନ ଶିଶୁ କମିଟିର ସଦସ୍ୟ ସଦସ୍ୟା ହୋଇଥିବାରୁ ଶିଶୁ ସୁଲଭ ପର୍ବ ପାଳନ ପାଇଁ ପୂର୍ବରୁ ବୈଠକ କରନ୍ତି। ଆଗକୁ ହୋଲି ପର୍ବ ଥିବାରୁ ଏ ବର୍ଷ ହୋଲି ପର୍ବକୁ କିପରି ସୁରୁଖୁରୁରେ ପାଳନ କରାଯିବ ସେ ନେଇ ବୈଠକ ବସିଲା। ସଦସ୍ୟସଦସ୍ୟାଙ୍କ ମତ ମଗାଯିବାରୁ ବଳରାମ ଓ ହେଲେନ୍ କହିଲେ– ସବୁବର୍ଷ ଭଳି ଏବର୍ଷ ମଧ୍ୟ ସମାନ ଉପାୟରେ ହୋଲି ଖେଳାଯାଉ। ଭବାନୀ ଓ ପିଟର କହିଲେ– ନା ନା, ଏବର୍ଷ ଜୈବିକ ରଙ୍ଗରେ ହୋଲି ଖେଳାଯିବ। ହମିଦ ଓ ୟୁସୁଫ କହିଲେ– ଆମେ ଏବର୍ଷ ହୋଲି ଖେଳିବୁ ନାହିଁ। ଏହାର କାରଣ ପଚରାଯିବାରୁ ସେ କହିଲେ ଆମର ସୁରକ୍ଷା ପାଇଁ ଏଇ ନିକଟ ଅତୀତରେ ଆମ ଦେଶର ଯବାନ ଶହୀଦ ହୋଇଛନ୍ତି କଶ୍ମୀରରେ। ଏମିତି ପରିସ୍ଥିତିରେ କେମିତି ଆମେ ମନୋରଞ୍ଜନ କରିବା ? ଏମିତିକା ଭିନ୍ନ ଭିନ୍ନ କଥାକୁ ନେଇ କମିଟି ଅଡୁଆରେ ପଡ଼ିଲା। କିଛି ନିଷ୍ପତ୍ତି ହୋଇ ନ ପାରିବାରୁ ଗାଁର ବଡ଼ ଗୁରୁଜୀଙ୍କ ପରାମର୍ଶ ପାଇଁ ସମସ୍ତେ ଗଲେ। ସବୁ ଘଟଣା ଗୁରୁଜୀ ଶୁଣିବା ପରେ କହିଲେ, ଯାହାହେଉ ତୁମେମାନେ ଶିଶୁ ହୋଇ ବି ଦେଶଭକ୍ତି ଓ ଶାରୀରିକ ସୁରକ୍ଷାକୁ ଦୃଷ୍ଟିରେ ରଖି ହୋଲି ଖେଳିବାକୁ ଚିନ୍ତା କରୁଛ ଇଏ କିଛି କମ୍ କଥା ନୁହେଁ। ହଉ, ପିଲାମାନେ ଏବର୍ଷ ହୋଲିକୁ ତୁମେ କିପରି ପାଳନ କରିବ ବୋଲି ପରାମର୍ଶ ନେବାକୁ ଆସିଛ ମାନେ ମୁଁ ତୁମକୁ ନିରାଶ କରିବି ନାହିଁ କି ମୋ କଥା ମାନିବାକୁ ମଧ୍ୟ ବାଧ୍ୟ କରିପାରିବି ନାହିଁ। ତୁମ ମନକୁ ମୋ କଥା ପାଇଲେ ମାନିବ। ଗୁରୁଜୀଙ୍କ ମୁହଁରୁ ଏମିତିକା କଥା ଶୁଣି ପିଲାମାନଙ୍କର ଉତ୍କଣ୍ଠା ଆହୁରି ବଢ଼ିଗଲା। ଗୁରୁଜୀ ଶେଷରେ କହିଲେ– ତୁମେମାନେ ହେଉଛ ଶିଶୁ ଓ ଆମର ଉତ୍ତରାଧିକାରୀ। ତୁମକୁ ସୁବିଧା ସୁଯୋଗ ପ୍ରଦାନ କରି ସୁରକ୍ଷିତ ରଖିବା ଆମଭଳି ବଡ଼ମାନଙ୍କର ଦାୟିତ୍ୱ। ତେବେ ତୁମ ବୈଠକରେ ଯାହା ମତ ଆସିଛି ତାକୁ ମିଶାଇ ହୋଲି ପାଳନର ୩ଟି ଉପାୟ ମୁଁ କହୁଛି ଶୁଣ। ପ୍ରଥମେ ଶହୀଦ ହୋଇଥିବା ଆମର ଯବାନଙ୍କ ପ୍ରତି ଏ ହୋଲିକୁ ତୁମେମାନେ ସମର୍ପିତ କରିବ। ଦ୍ୱିତୀୟରେ ନିଜର ଶରୀର ଓ ଚର୍ମର ସୁରକ୍ଷା ପାଇଁ ଜୈବିକ ପଦାର୍ଥରେ ପ୍ରସ୍ତୁତ ହୋଲି ବା ରଙ୍ଗକୁ ବ୍ୟବହାର କରିବ। ଆଉ ରାସାୟନିକ ରଙ୍ଗକୁ ବର୍ଜନ କରିବ। ତୃତୀୟରେ ଯେମିତି ପ୍ରତିବର୍ଷ ଭଳି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାଇଚାରାର ସମ୍ପର୍କରେ ହୋଲି ଖେଳୁଛ ସେମିତି ହିଁ ଖେଳିବ। ତୁମର ଏହି ପଦକ୍ଷେପ ହିଁ ଶହୀଦମାନଙ୍କ ପ୍ରତି ଅସଲ ଶ୍ରଦ୍ଧାଞ୍ଜଳି ହେବ। ଆଉ ଧ୍ୟାନ ରଖିବ ଖେଳବେଳେ ତୁମମାନଙ୍କ ଭିତରେ ଯେପରି କୌଣସି ମାରପିଟ୍ ବା ଗଣ୍ଡଗୋଳର ସ୍ଥିତି ନ ଉପୁଜିବ। ଏମିତିକା ପରାମର୍ଶକୁ ପିଲାମାନଙ୍କ ମନକୁ ପାଇଲା। ଶେଷରେ ଗୁରୁଜୀଙ୍କ ପରାମର୍ଶକୁ ସମ୍ମାନ ଜଣାଇ ଶିଶୁ କମିଟି ଗୁରୁଜୀଙ୍କ ପରାମର୍ଶ ଅନୁସାରେ ହୋଲି ପାଳିବାକୁ ନିଷ୍ପତ୍ତି କଲା। ପିଲାମାନଙ୍କର ଏପରି ବିଚାର ଦେଖି ସାହିପଡୋଶୀ ଓ ଗ୍ରାମବାସୀ ଢେର ପ୍ରଶଂସା କଲେ।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

ଚଗଲା ଭୀମୁ







# ଆସ ଖେଳିବା ହୋଲି

**ପର୍ବ ରଙ୍ଗର, ପର୍ବ ଆନନ୍ଦର, ପର୍ବ ପୁଣି ଭାଇଚାରାର। ଆନନ୍ଦ ମନରେ ପରସ୍ପରକୁ ହୋଲି ଲଗାଇଲା ବେଳେ ନା ମନରେ ଥାଏ ଉଚ୍ଚ ନୀଚର ଭାବ ନା ଥାଏ ଜାତି, ଧର୍ମର ପ୍ରଭେଦ। ସମସ୍ତେ ଏକାଠି ହୋଇ ଏହି ଉତ୍ସବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ତେବେ ଏଥରର ହୋଲିକୁ ପିଲାମାନେ କିଭଳି ଭାବେ ପାଳନ କରିବା ଲାଗି ଯୋଜନା କରିଛନ୍ତି ସେ ସମ୍ପର୍କରେ...**

## ଏଥର ହୋଲିକୁ କିଛି ନୂଆ ଏବଂ ନିଆରା ଢଙ୍ଗରେ ପାଳିବି



“ରଙ୍ଗର ପର୍ବ ହୋଲି। ସବୁ ଉତ୍ସବ ମଧ୍ୟରୁ ହୋଲି ପର୍ବ ମୋର ସବୁଠୁ ପ୍ରିୟ। ଫଗୁ ଅବିରରେ ସାଙ୍ଗମାନଙ୍କ ସହ ହୋଲି ଖେଳିବାକୁ ମୋତେ ଭାରି ଭଲଲାଗେ। ଏଥର ହୋଲିକୁ କିଛି ନୂଆ ଏବଂ ନିଆରା ଢଙ୍ଗରେ ପାଳିବି ବୋଲି ଯୋଜନା କରିଛି। ସାଙ୍ଗମାନଙ୍କୁ ଘରକୁ ନିମନ୍ତ୍ରଣ କରିଛି ଏବଂ ପ୍ରାକୃତିକ ଉପାୟରେ ରଙ୍ଗ ପ୍ରସ୍ତୁତ କରି ହୋଲି ଖେଳିବୁ ବୋଲି ଚିନ୍ତା କରିଛୁ।

\- **ପ୍ରତୀକ୍ଷା ଦାଶ**, କ୍ଲାସ୍-୭, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ, କଟକ

## ମନଭରି ହୋଲିର ମଜା ନେବି



“ପରୀକ୍ଷା ସରିଯାଇଛି। ସେଥିଲାଗି ପାଠପଢ଼ାର ଟେନ୍‌ସନ୍ ନାହିଁ। ଏଥର ମନଭରି ଦୋଳପୂର୍ଣ୍ଣିମା ଓ ହୋଲିର ମଜା ନେବି। ଠାକୁରଙ୍କ ମେଳଣ ଦେଖିବି। ହୋଲିଦିନ ସାଙ୍ଗମାନଙ୍କ ସହ ମିଶି ଢେର ମଜା କରିବି। କେମିକାଲ୍ ବଦଳରେ ଅବିର ବ୍ୟବହାର କରିବି ଏବଂ ଅଯଥାରେ ପାଣି ନଷ୍ଟ କରିବି ନାହିଁ।

\- **ଶୁଭମ୍ ବାଗ**, କ୍ଲାସ-୭, ମ୍ୟୁନିସିପାଲ୍ ହାଇସ୍କୁଲ, ଭବାନୀପାଟଣା

## ସାହି ସାହି ବୁଲି ସାଙ୍ଗମାନଙ୍କ ସହ ହୋଲି ଖେଳିବି



“ଏଥର ହୋଲିକୁ ମୁଁ ଭରପୂର ଉପଭୋଗ କରିବି। ପରୀକ୍ଷା ସରିଯାଇଛି। ତେଣୁ ପାଠପଢ଼ାର କୌଣସି ଚାପ ନାହିଁ। ରଙ୍ଗ ଖେଳ ସହ ନାଚ ଗୀତର ଆସର ମଧ୍ୟ ଖୁବ୍ ଜମିବ। ସାହି ସାହି ବୁଲି ସାଙ୍ଗମାନଙ୍କ ସହ ଫଗୁ ଅବିରରେ ହୋଲି ଖେଳିବି। ବଡମାନଙ୍କଠାରୁ ଆଶୀର୍ବାଦ ମଧ୍ୟ ନେବି।

\- **ଇତିଶ୍ରୀ ଓଝା**, କ୍ଲାସ୍-୧୦, ଝାଡେଶ୍ୱର ହାଇସ୍କୁଲ, ଘଷିପୁରା, କେନ୍ଦୁଝର

## ହୋଲି ଗାଁରେ ପାଳିବି



“ହୋଲିରେ ମୁଁ ଗାଁକୁ ଯିବି। ସେଠାରେ ମୋ ସାନଭଉଣୀ ଓ ମାମା ରୁହନ୍ତି, ତାଙ୍କ ସହ ମିଶି ଖେଳିବି। ଦୁଇଭଉଣୀ ମିଶି ଧୁମ୍ ମସ୍ତି କରିବୁ। ରଙ୍ଗରେ ବେଶି ନ ଖେଳି ଅବିରରେ ଖେଳିବୁ।

\- **ପ୍ରେକ୍ଷା ପୂର୍ବାଶା ବରାଳ**, କ୍ଲାସ-୫, କେନ୍ଦ୍ରୀୟ ବିଦ୍ୟାଳୟ-୧, ୟୁନିଟ୍-୯, ଭୁବନେଶ୍ୱର

## ରାସାୟନିକ ରଙ୍ଗରେ ହୋଲି ଖେଳିବିନି



“ମୁଁ ହୋଲିକୁ ସାଙ୍ଗମାନଙ୍କ ସହ ମିଶି ଖେଳିବି। ଏଥର ରାସାୟନିକ ରଙ୍ଗରେ ନ ଖେଳି ଅବିରରେ ଖେଳିବି ବୋଲି ନିଷ୍ପତ୍ତି ନେଇଛି।

\- **ସ୍ୱୟଂ ତ୍ରିପାଠୀ**, କ୍ଲାସ-୮, ରୋଟାରୀ ପବ୍ଲିକ୍ ସ୍କୁଲ୍, ଅନୁଗୋଳ

## କେମିକାଲ୍ ପ୍ରତି ସତର୍କ ରହିବି



“ବର୍ଷରେ ଥରେ ଆସେ ହୋଲି। ତେଣୁ ପ୍ରତିଟି ମଣିଷ ଏହାର ମଜା ନେବା ଜରୁରୀ। ହୋଲିଦିନ ମୁଁ ସାଙ୍ଗସାଥୀଙ୍କ ସହ ମିଶି ଖୁବ୍ ମଜା କରିବି। କେମିକାଲ୍ ପ୍ରତି ସତର୍କ ରହିବି। ଦୋଳପୂର୍ଣ୍ଣିମାଦିନ ଠାକୁରଙ୍କ ମେଳଣ ଦେଖିବି। ଆଗାମୀ ଦିନରେ ନୂଆ ଶ୍ରେଣୀର ପାଠପଢ଼ା ସହ ସ୍ୱାସ୍ଥ୍ୟର ଯତ୍ନ ନେବି।

\- **ପୂର୍ଣ୍ଣିମା ପୋଢ଼**, କ୍ଲାସ-୮, ମ୍ୟୁନିସିପାଲ୍ ହାଇସ୍କୁଲ, ଭବାନୀପାଟଣା

## ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ନେବି



“ବିଭିନ୍ନ ରଙ୍ଗର ପର୍ବ ନେଇ ଆସିଥାଏ ହୋଲି। ମୁଁ ନିଶ୍ଚୟ ଏହିଦିନର ମଜା ନେବି। ବୟୋଜ୍ୟେଷ୍ଠଙ୍କର ଆଶୀର୍ବାଦ ନେବି। ମୋ ଭାଇମାନଙ୍କ ସହ ହୋଲି ଖେଳିବି। କିନ୍ତୁ ସମସ୍ତଙ୍କୁ କହିବି କେମିକାଲ୍ ପ୍ରତି ସତର୍କ ରହିବା ପାଇଁ। ବିଶେଷ କରି ଆଖିରେ ରଙ୍ଗ ପଶିବା ପ୍ରତି ସତର୍କ ରୁହନ୍ତୁ। ଶାନ୍ତିର ସହ ଏହି ପର୍ବରେ ପ୍ରତ୍ୟେକ ମଣିଷ ମସଗୁଲ୍ ହୁଅନ୍ତୁ।

\- **ଦିବ୍ୟଲୋଚନ ମହାନ୍ତି**, କ୍ଲାସ-୭, ବିକାଶ ରେସିଡେନ୍ସିଆଲ୍ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

## ରଙ୍ଗ ଖେଳିବାକୁ ଯାଇ ଅଯଥାରେ ପାଣି ନଷ୍ଟ କରନ୍ତୁ ନାହିଁ



“ହୋଲି ଆମ ହିନ୍ଦୁ ପରମ୍ପରାର ଏକ ବିଶେଷ ପର୍ବ। ଏହି ଦିନ ରାଧା-କୃଷ୍ଣଙ୍କୁ ବିମାନରେ ବସାଇ ପରିକ୍ରମା କରାଯାଏ। ଆଉ ରାସାୟନିକ ରଙ୍ଗ ଅପେକ୍ଷା ପ୍ରାକୃତିକ ରଙ୍ଗରେ ହୋଲି ଖେଳିବା ପାଇଁ ମୁଁ ପସନ୍ଦ କରେ। ମୋ ସାଙ୍ଗମାନଙ୍କୁ ମଧ୍ୟ ଏଥିସକାଶେ ପରାମର୍ଶ ଦିଏ। ସମସ୍ତଙ୍କୁ ଅନୁରୋଧ ରାସାୟନିକ ରଙ୍ଗଠାରୁ ଦୂରେଇ ପ୍ରାକୃତିକ ରଙ୍ଗରେ ହୋଲି ଖେଳନ୍ତୁ ଏବଂ ରଙ୍ଗ ଖେଳିବାକୁ ଯାଇ ଅଯଥାରେ ପାଣି ନଷ୍ଟ କରନ୍ତୁ ନାହିଁ।

\- **ମୋନିକା ଦାଶ**, କ୍ଲାସ-୧୦, କ୍ଷେତ୍ରମୋହନ ବିଦ୍ୟାପୀଠ, ଶାଳପଡା, କେନ୍ଦୁଝର




## ଅଇଲାଣି ଦୋଳ ପୂନେଇଁ

ଅଇଲାଣି ଦୋଳ ପୂନେଇଁ
ଗାଆଁକୁ ଯିବରେ ଦନେଇଁ
ଏ ସନକୁ ଭାରି ମଜା ହେବ ବୋଲି
ଲେଖିଛି ତା ଭାଇ କହ୍ନେଇ।
ସାଙ୍ଗସାଥୀଙ୍କର ମେଳରେ
ରଙ୍ଗ ପିଚକାରି ଖେଳରେ
ବରଷକ ପରେ ହୋଲି ଆସିଛିରେ
ଏଇତ ଅସଲ ବେଳରେ।
ବେହେରା ଖେଳିବେ ଲଉଡି
ଗୀତ ଗାଉଥିବେ ଦଉଡି
ଗୋଠ ପଡିଆରେ ଜହ୍ନ ଆଲୁଅରେ
ପିଲାଏ ଖେଳିବେ କବାଡି।
ରାଧାକୃଷ୍ଣଙ୍କର ଦେଉଳ
ଲାଗିବ ଗହଳ ଚହଳ
ପାଲା ଦେଖା ପାଇଁ ଅରୁଆ ସାଥିରେ
ଡାଲମା ବହଳ ବହଳ।

ଅଇଲାଣି ଦୋଳପୂନେଇଁ
ଶୋଇପାରୁ ନାହିଁ ଦନେଇଁ
ଖରାବଢ଼ିଗଲେ ଇସ୍କୁଲ ସରିବ
ଛୁଟିକି ରହିଛି ଅନେଇଁ।

–ଅଧ୍ୟାପକ ପ୍ରମୋଦ ବିଶ୍ୱାଳ
ପଟିଆ କଲେଜ, ଭୁବନେଶ୍ୱର



## ଫଗୁର ଫଗୁଆ

ରଙ୍ଗ ଅଗଣାର ଫଗୁର ଫଗୁଆ
ଖୋଲି ଆସିଅଛି ହୋଲି,
ପ୍ରେମ ବରଷାଇ ଆନନ୍ଦେ ଝୁମାଇ
ଦେଲାଣି ପସରା ମେଲି।
ଜାତି ଜାତି ଫୁଲ ସାଉଁଟି ସାଉଁଟି
ଏକଇ ମାଳରେ ଗୁନ୍ଥି,
ରଙ୍ଗ ଭରି ମନେ ଭ୍ରାତୃତ୍ୱ ବନ୍ଧନେ
ଶାନ୍ତି ଧରା ପରେ ସୃଷ୍ଟି।
ପାଦ ସଙ୍ଗେ ପାଦ ମନ ସଙ୍ଗେ ମନ
ହୋଇଅଛି ମେଳ ଆଜି
ରଙ୍ଗ ମହଲର ଭିନ୍ନତା ବନରେ
ସବୁ ଯାଇଅଛି ହଜି।
ସପ୍ତରଙ୍ଗର ଗାଢତାକୁ ନେଇ
ଗୋଟିଏ ଭାବରେ ମଜ୍ଜି
ଝୁମି ଉଠେ ଧରା ହୋଲି ଆଗମନେ
ନବ ରୂପ ପାଇ ଆଜି।

– ଶାଶ୍ୱତୀ ଶ୍ୱେତପଦ୍ମା ବେହେରା
ଘୁ. ଉଦୟଗିରି, କନ୍ଧମାଳ
ମୋ: ୮୮୯୫୭୩୩୨୦୭



## ହୋଲି ଆସିଛି

ହୋଲି ଆସିଛି,
କେତେ ରଙ୍ଗ ନିଜ ସାଥେ
ଆଣିଛି।


ନାଲି, ନୀଳ, ହଳଦିଆ ସବୁଜ,
ସବୁ ରଙ୍ଗ ତ ମନ ମୋହୁଛି।
ଅବିର ଆଉ ଫଗୁର ସାଥେ
ପିଚକାରିରୁ ଧାର ଛୁଟୁଛି।

କୁନା ନିଜ ସାଙ୍ଗ ସାଥୀ ମେଳରେ
ରଙ୍ଗ ଖେଳରେ ମଜ୍ଜି ଯାଇଛି।
ବେଲ ପଣା ସାଙ୍ଗେ ଦହି ବରାର
କୁନି ବସି ବସି ମଜା ନେଉଛି।

ଆମ୍ବ ବଉଳ ଡାଳରେ ବସି
କୋଇଲି ବସନ୍ତ ଗୀତ ଗାଉଛି।
କୃଷ୍ଣଚୂଡାର ନାଲି ଟହ ଟହ
ବେଶେ
ଏ ଧରା ନବ ବଧୂ ସାଜିଛି।

ରଙ୍ଗ ବେରଙ୍ଗର ନବରସ ନେଇ
ଏ ଧରାକୁ ପୁଣି ହୋଲି ଆସିଛି।

– ଲିପ୍‌ସା ବିଶୋଇ
ଝାରପଡା, ଭୁବନେଶ୍ୱର



## ବରଷକେ ଥରେ ହୋଲି

ରଙ୍ଗର ପରବ, ଅବିରର ଖେଳ
ବରଷକେ ଥରେ ହୋଲି,
ନାନା ଜାତି ରଙ୍ଗେ କରିବା ମଉଜ
ଶତ୍ରୁ ମିତ୍ର ଯିବା ଭୁଲି।


ରସାୟନ ରଙ୍ଗ ଦୂରରୁ ଜୁହାର
ଅବିର ସାଥେ ଖେଳିବା,
ବାପା ମାଆ ଭାଇ ଭଉଣୀ ସହିତ
ସାଙ୍ଗ ଘେନି ହୋଲି ପାଳିବା।

ଦୋଳପୂର୍ଣ୍ଣିମାରେ ମଣ୍ଡପକୁ ଯାଇ
ଦେଖିବା ରାଧାଗୋବିନ୍ଦ,
ମେଳଣ ବୁଲିବା ଦିଅଁଙ୍କୁ ଦେଖିବା
ମନକୁ କରି ଆନନ୍ଦ।

ବିବାଦକୁ ଭୁଲି ସୁଖ ଶାନ୍ତି ପାଇଁ
ଦିଅଁ ପାଖେ ମନାସିବା,
ପଛ କଥା ଭୁଲି ନୂଆ ସମ୍ପର୍କର
ସଂକଳ୍ପ ଆମେ କରିବା।

–ଅନନ୍ୟା ଅନୁଷ୍କା
କଳାରାହାଙ୍ଗ, ପଟିଆ, ଭୁବନେଶ୍ୱର
ମୋ: ୯୪୩୭୪୮୬୬୮୦

## ତୁମ ପଢ଼ିବା ପାଇଁ




**ଗପରେ ଗପରେ ମଉଜ କଥା :** ଗଳ୍ପ ସଂକଳନ 'ଗପରେ ଗପରେ ମଉଜ କଥା'ରେ ରହିଛି ମମତାରେ ବନ୍ଧା ଏ ଦୁନିଆ, ଯାହାକୁ ରଖିବେ ଅନନ୍ତ, ପେଟ ପୋଷ ନାହିଁ ଦୋଷ, ଅଣ୍ଟି ଛୁରି ତଣ୍ଟି କାଟେ, ଭାଇଠାରୁ ବଡ ଜଗତେ ନାହିଁ, ଗୁରୁଙ୍କୁ ନ ମଣିବ ନର, ଏକ ମନ ହେଲେ ସମୁଦ୍ର ଶୁଖେ ଭଳି ଅନେକ ଶିକ୍ଷଣୀୟ ଗଳ୍ପ। ସୁଶାନ୍ତ କୁମାର ସାମଲଙ୍କ ରଚିତ ଏହି ସଂକଳନର ମୂଲ୍ୟ ରହିଛି ୧୨୦ ଟଙ୍କା। ଯୋଗାଯୋଗ : ପ୍ରେମଲତା ଚକ୍ର, ୨୮, ରତ୍ନାକରବାଗ, ଭୁବନେଶ୍ୱର।

## ଏଥରର ପ୍ରଶ୍ନ ?

- କେଉଁ ଓଡ଼ିଆ ମାସରେ ହୋଲି ପର୍ବ ପାଳନ କରାଯାଏ ?
- ଓଡ଼ିଶାରେ ହୋଲି ଆଉ କେଉଁ ନାମରେ ପରିଚିତ ?
- ଦୋଳପୂର୍ଣ୍ଣିମାରେ କେଉଁ ଦେବଦେବୀଙ୍କୁ ପୂଜା କରିବାର ପ୍ରଥା ରହିଛି ?
- ହୋଲି ଦିନ କାହାକୁ ନିଆଁରେ ପୋଡାଯାଇଥିଲା ବୋଲି ପୁରାଣରେ ଲେଖା ଅଛି ?
- ହୋଲିକା କେଉଁ ଅସୁରର ଭଉଣୀ ଥିଲା ?

## ଆଗ ଥରର ଉତ୍ତର

* ଜାପାନ
* ୧୯୮୩
* ବ୍ୟାଡମିଣ୍ଟନ
* ଅଗଷ୍ଟ ୨୯
* ସଚିନ ତେନ୍ଦୁଲକର

## ପାର୍ଥକ୍ୟ ଦର୍ଶାଅ





# ରଙ୍ଗର ମହତ୍ତ୍ୱ

**ରଙ୍ଗର ରହିଛି ମହତ୍ତ୍ୱ । ପୁଣି ପ୍ରତ୍ୟେକ ରଙ୍ଗର ଅଛି ନିଜସ୍ୱ ବିଶେଷତ୍ୱ, ଯାହାର ପ୍ରଭାବ ଆମ ଉପରେ ବି ପଡ଼ିଥାଏ...**

**ନୀଳ ରଙ୍ଗ:** ନୀଳ ରଙ୍ଗ ମନୁଷ୍ୟର ମାନସିକତା ଉପରେ ଅଧିକ ପ୍ରଭାବ ପକାଇଥାଏ । ଏହା ଏଭଳି ଏକ ରଙ୍ଗ, ଯାହା ମନକୁ ଶାନ୍ତି ଦେଇଥାଏ ଏବଂ ମାନସିକ ଆବେଗ ଦୂର କରିଥାଏ । ଆକାଶି ନୀଳ ରଙ୍ଗକୁ ଧ୍ୟାନ ଏବଂ ଏକାଗ୍ରତା ପାଇଁ ବ୍ୟବହାର କରାଯାଇଥାଏ । ପାଣିର ସଙ୍କେତ ଭାବେ ଏହି ରଙ୍ଗକୁ ଗ୍ରହଣ କରାଯାଏ ।

**ନାଲି ରଙ୍ଗ:** ବିଭିନ୍ନ ରଙ୍ଗ ମଧ୍ୟରୁ ନାଲି ରଙ୍ଗକୁ ସବୁଠାରୁ ଶକ୍ତିଶାଳୀ ବୋଲି କୁହାଯାଏ । ଏହା ଉଭୟ ପ୍ରେମ ଓ ବିପଦର ସଙ୍କେତ । ଏହି ରଙ୍ଗର ଆକର୍ଷଣ କରିବାର କ୍ଷମତା ଖୁବ ଅଧିକ ଥାଏ । ତେଣୁ ଟ୍ରାଫିକ ପୋଷ୍ଟରେ ଗାଡ଼ି ରହିବା ପାଇଁ ଏହି ରଙ୍ଗର ବତି ବ୍ୟବହାର କରାଯାଇଥାଏ । ଏହି ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ଖୁବ ସାହସୀ ହୋଇଥାନ୍ତି ।

**ହଳଦୀ ରଙ୍ଗ:** ହଳଦୀ ରଙ୍ଗ ହିଁ ବହୁମାତ୍ରାରେ ଆକର୍ଷିତ କରିଥାଏ । ଏହି ରଙ୍ଗକୁ ସୂର୍ଯ୍ୟ ବା ଶକ୍ତିର ସଙ୍କେତ ସ୍ୱରୂପ ବ୍ୟବହାର କରାଯାଏ । ତେବେ ଏହି ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ଖୁସ୍‌ମିଜାଜ ସ୍ୱଭାବର ହୋଇଥା'ନ୍ତି । ନିଜେ ଖୁସି ରହିବା ସହ ଅନ୍ୟମାନଙ୍କୁ ଖୁସି ବାଣ୍ଟିବାରେ ଏମାନେ ଆନନ୍ଦ ପାଆନ୍ତି ।

**ସବୁଜ ରଙ୍ଗ:** ପରିବେଶ ବା ସବୁଜିମାର ପ୍ରତୀକ ସ୍ୱରୂପ ଏହି ରଙ୍ଗକୁ ବ୍ୟବହାର କରାଯାଏ । ଏହି ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ଶାନ୍ତ ସ୍ୱଭାବର ଥାଆନ୍ତି । ମାର୍କେଟରେ ମିଳୁଥିବା ଶାକାହାରୀ ପଦାର୍ଥ ପ୍ୟାକେଟ ଉପରେ ସବୁଜ ରଙ୍ଗର ବିନ୍ଦୁ ରହିଥାଏ ।

**ଧଳା ରଙ୍ଗ:** ଶାନ୍ତି ଏବଂ ସ୍ୱଚ୍ଛତାର ପ୍ରତୀକ ଭାବେ ବ୍ୟବହୃତ ହୁଏ ଏହି ରଙ୍ଗ । ଶାନ୍ତିର ପ୍ରତୀକ ଭାବେ ଧଳା କପୋତକୁ ଅଭିହିତ କରାଯାଏ । ଏହି ରଙ୍ଗକୁ ପସନ୍ଦ କରୁଥିବା ବ୍ୟକ୍ତି ମଧ୍ୟ ଶାନ୍ତ ସ୍ୱଭାବର ହୋଇଥାନ୍ତି । ଉକ୍ତ ବ୍ୟକ୍ତିମାନେ ସାଧାରଣତଃ ଦୂରଦୃଷ୍ଟି ସମ୍ପନ୍ନ ଏବଂ ଆଶାବାଦୀ ହୋଇଥାନ୍ତି । ଯୋଜନା ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ ହୋଇଥିବା ହେତୁ ଏମାନେ ପ୍ରାୟ ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରିଥାନ୍ତି ।

**କଳା ରଙ୍ଗ:** ଏହି ରଙ୍ଗକୁ ଦୁଃଖ ଯନ୍ତ୍ରଣା, ପ୍ରତିବାଦର ସଙ୍କେତ ସ୍ୱରୂପ ବ୍ୟବହାର କରାଯାଏ । ଏହି ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ରୁଢ଼ିବାଦି ସ୍ୱଭାବର ହୋଇଥାନ୍ତି । ଉକ୍ତ ବ୍ୟକ୍ତିମାନେ ଶୀଘ୍ର ରାଗିଯାନ୍ତି । କୌଣସି ପ୍ରକାର ପରିବର୍ତ୍ତନକୁ ଏମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ ।

**ଗୋଲାପୀ ରଙ୍ଗ:** ସୌନ୍ଦର୍ଯ୍ୟ ଏବଂ ସହନଶୀଳତାର ସଙ୍କେତ ଭାବେ ଗୋଲାପୀ ରଙ୍ଗକୁ ଚୟନ କରାଯାଏ । ଏହି ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ବିଶେଷତଃ ଭାବପ୍ରବଣ ସ୍ୱଭାବର ଥା'ନ୍ତି । ଏହି ବ୍ୟକ୍ତିମାନେ ସବୁବେଳେ ହସଖୁସିରେ ରହିବାକୁ ପସନ୍ଦ କରନ୍ତି । ନୂଆ ବନ୍ଧୁ ଗଢ଼ିବା ଏବଂ ବନ୍ଧୁତ୍ୱକୁ ବଜାୟ ରଖିବା ପାଇଁ ଏମାନେ ଚେଷ୍ଟା କରିଥାନ୍ତି । ଏହି ବ୍ୟକ୍ତିମାନେ କେତେକାଂଶରେ ଲାଜକୁଳା ମଧ୍ୟ ଥା'ନ୍ତି ।

**ବାଇଗଣୀ ରଙ୍ଗ:** ଅଲୌକିକ ଶକ୍ତିର ପ୍ରତୀକ ସ୍ୱରୂପ ଏହି ରଙ୍ଗକୁ ଅଭିହିତ କରାଯାଏ । ଧଳା ରଙ୍ଗ ଭଳି ବାଇଗଣୀ ରଙ୍ଗ ପସନ୍ଦ କରୁଥିବା ବ୍ୟକ୍ତି ଦୂରଦର୍ଶୀ ହୋଇଥାନ୍ତି । ଭବିଷ୍ୟତରେ କେଉଁ କାର୍ଯ୍ୟ କରିବା ଦ୍ୱାରା ଲାଭ ବା କ୍ଷତି ହେବ ତାହାର ପୂର୍ବାନୁମାନ କରିପାରନ୍ତି ।

# ବିଭିନ୍ନ ପରମ୍ପରାରେ ହୋଲି

**ରଙ୍ଗର ପର୍ବ ହୋଲି ଭାରତୀୟ ସଂସ୍କୃତିର ଏକ ନିଚ୍ଛକ ପ୍ରତିଛବି ବହନ କରେ। ପୁରାତନ କାଳରୁ ଏହି ପର୍ବକୁ ବେଶ୍ ଜାକଜମକରେ ପାଳନ କରାଯାଇ ଆସୁଛି। ପୁରାଣ ଏବଂ ଇତିହାସରେ ମଧ୍ୟ ଏହି ପର୍ବର ବର୍ଣ୍ଣନା ଦେଖିବାକୁ ମିଳେ। ତେବେ ଆଧୁନିକ ଯୁଗର ହୋଲି ଖେଳ ସହ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ, ଗୋପ ଗୋପାଳୁଣୀମାନଙ୍କ ସହ ହୋଲି ଖେଳିବା ପର୍ବର ସାମଞ୍ଜସ୍ୟ ରହିଛି। ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପର୍ବ ପାଳନ କରିବାର ଭିନ୍ନ ଭିନ୍ନ ପରମ୍ପରା ରହିଛି। ଜାଣନ୍ତୁ ସେ ସମ୍ପର୍କରେ....**

**ଉତ୍ତର ପ୍ରଦେଶ:** ଏଠାରେ ହୋଲିକୁ 'ଲଠ୍‌ମାର' ଭାବେ ପାଳନ କରାଯାଏ । ଏହି ଦିନ ବନାରସ, ମଥୁରା, ବୃନ୍ଦାବନ ଆଦି ସହରରେ ମହିଳାମାନେ ଲାଠି ଦ୍ୱାରା ପୁରୁଷମାନଙ୍କୁ ମାରିବାର ପ୍ରଥା ରହିଛି ।

**ପଶ୍ଚିମବଙ୍ଗ :** ଏଠାରେ ହୋଲିକୁ 'ଦୋଳଯାତ୍ରା' ବୋଲି କୁହାଯାଏ । ଏହି ଦିନ ରାଧା କୃଷ୍ଣଙ୍କ ମୂର୍ତ୍ତିକୁ ପାଲିଙ୍କିରେ ବସାଇ ପରିଭ୍ରମଣ କରାଯାଏ ଏବଂ ଲୋକେ ଏହି ପାଲିଙ୍କି ଉପରେ ଫଗୁ ଆଉ ରଙ୍ଗ ପାଣି ଢାଳିବାର ପ୍ରଥା ରହିଛି ।

**ବିହାର:** ଏଠାରେ ହୋଲିକୁ 'ଫଗୁଆ' ନାମରେ ଜଣାଯାଏ । ଫଗୁ ପୂର୍ଣ୍ଣିମା ଦିନ ଏଠାରେ ନିଆଁ ଜଳାଇ ହୋଲିକା ଦହନ କରାଯାଏ । ତା' ପର ଦିନ ରଙ୍ଗ ଏବଂ ଅବିରରେ ଲୋକେ ହୋଲି ଖେଳିଥାନ୍ତି ।

**ମହାରାଷ୍ଟ୍ର:** 'ରଙ୍ଗପଞ୍ଚମୀ' ଭାବେ ଜଣାଯାଉଥିବା ଏହି ପର୍ବ ଦିନ ଲୋକେ ଫଗୁ ଏବଂ ଅବିରରେ ହୋଲି ଖେଳିବା ସହ ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରିଥାନ୍ତି । ହୋଲି ଅବସରରେ ଏଠାରେ 'ପୁରନପୋଲି' ନାମକ ଏକ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଏହି ସମୟରେ ଦହିହାଣ୍ଡି ଖେଳ ମଧ୍ୟ ଏକ ପ୍ରମୁଖ ଆକର୍ଷଣ ସାଜିଥାଏ ।



**ପଞ୍ଜାବ:** ଏଠାରେ ଏହି ପର୍ବକୁ 'ହୋଲା ମୋହଲ୍ଲା' ନାମରେ ଜଣାଯାଏ । ଏହି ଦିନ ଶିଖ୍ ସଂପ୍ରଦାୟର ଲୋକେ ବିଭିନ୍ନ ସାହସିକ କ୍ରୀଡା ନୈପୁଣ୍ୟ ଦ୍ୱାରା ନିଜର ଶକ୍ତି ପ୍ରଦର୍ଶନ କରିଥାନ୍ତି । ଏହା ଛଡା ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରାଯାଏ ।

**କେରଳ:** କେରଳର କେତେକ ଅଞ୍ଚଳରେ ଏହାକୁ 'ମଞ୍ଜୁଲ କୁଲି' ନାମରେ ପାଳନ କରାଯାଏ । ଏହି ଦିନ ଲୋକେ ହଳଦୀ ପାଣିରେ ହୋଲି ଖେଳିବା ସହ ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପରିବେଷଣ କରିଥାନ୍ତି ।

**ଗୋଆ:** ଏଠାରେ ଏହି ପର୍ବକୁ 'ଶିଗ୍‌ମୋ' ନାମରେ ପାଳନ କରାଯାଏ । ଏହି ଦିନ ନାବିକମାନେ ନିଜ ଡଙ୍ଗାକୁ ପାରମ୍ପରିକ ରୂପରେ ସଜାଇବା ସହିତ ଫଗୁ ଅବିରରେ ହୋଲି ଖେଳିଥାନ୍ତି ।



# ଆଇନା

